## ପୂର୍ବଶତ୍ରୁତାରୁ ଭୁଜାଲିରେ ହାଣି ହତ୍ୟା ଉଦ୍ୟମ

ତିହିଡ଼ି, ୮।୧୧(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ଅପରାହ୍ନରେ ଭୁଜାଲିରେ ହାଣି ହତ୍ୟା ଉଦ୍ୟମ କରାଯାଇଛି। ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଲେ ଗ୍ରାମର ପ୍ରଦୀପ ମହାପାତ୍ର। ଏନେଇ ଅଭିଯୋଗକ୍ରମେ ତିହିଡ଼ି ଥାନା ପୋଲିସ ଏକ ମାମଲା (ନଂ.୫୦୦/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ପ୍ରଦୀପଙ୍କ ସହ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ପୂର୍ବରୁ ଶତ୍ରୁତା ଥିଲା। ପ୍ରଦୀପଙ୍କୁ ଦେଖି ସେ ହଠାତ୍ ଗାଳିଗୁଲଜ କରିଥିଲେ। ପ୍ରଦୀପ ପ୍ରତିବାଦ କରିବାରୁ ସେ ତାଙ୍କୁ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରଦୀପ ଗୁରୁତର ହୋଇଥିବାରୁ ତାଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଚରମ୍ପା କାଳୀପୂଜା
# ଶେଷଦିନରେ ଲକ୍ଷାଧିକ ଲୋକ


ଶୁକ୍ରବାର ସନ୍ଧ୍ୟାରେ କାଳୀପୂଜା ମେଳାରେ ଲୋକଙ୍କ ଭିଡ଼।

### ଆଜି ବିଦାୟ ନେବେ ମା'

ଭଦ୍ରକ,୮।୧୧(ସନାତନ ରାଉତ)

ଦୀପାବଳିଠାରୁ ୯ ଦିନ ଧରି ଚାଲିଥିଲା ଭଦ୍ରକର ଗଣପର୍ବ କାଳୀପୂଜା। ଶୁକ୍ରବାର ଶେଷଦିନ ଥିଲା। ୭ ଦିନ ବଦଳରେ ଚଳିତବର୍ଷ ୯ଦିନକୁ ମେଳା ବଢ଼ାଇ ଦିଆଯାଇଥିବା ବେଳେ ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ରାତି ୧୨ଟା ପରଠାରୁ ଶନିବାର ପୂର୍ବାହ୍ନ ୧୦ଟା ମଧ୍ୟରେ ଭସାଣି ଶେଷ ହେବ। ଶେଷ ସନ୍ଧ୍ୟାରେ ମେଳାରେ ପ୍ରବଳ ଭିଡ଼ ଲାଗି ରହିବା ସହ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ହୋଇଥିବା ସେଲ୍‌ଫି ପଏଣ୍ଟରେ ବହୁ ଯୁବତୀ ଯୁବକ ଓ ପରିବାର ସମେତ ସେଲ୍‌ଫି ନେଉଥିବାର ଦେଖିବାକୁ ମିଳିଥିଲା। ନବଗ୍ରହ ରୋଡ୍ ପୂଜା ମଣ୍ଡପରେ ଡିଜିଟାଲ ବାରୁଆଳି ଦେଖିବାକୁ ସନ୍ଧ୍ୟାରେ ପ୍ରବଳ ଭିଡ଼ ହୋଇଥିଲା। ଏଥର ପାଗ ଅନୁକୂଳ ଥିବାବେଳେ ୨ଦିନ ଅଧିକ ମିଳିଥିବାରୁ ଘରକରଣା ସାମଗ୍ରୀ ଓ ମନୋହରି ଦୋକାନ ଖୋଲିଥିବା ବ୍ୟବସାୟୀମାନେ ଖୁବ୍ ଭଲ କାରବାର ହୋଇଥିବା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।


କାଳୀପୂଜା ପାଇଁ ସୁସଜ୍ଜିତ ଚାନ୍ଦବାଲିର ଦକ୍ଷିଣେଶ୍ୱରୀ କାଳୀମନ୍ଦିର ଗେଟ୍।

## ୧୦ରେ ଦିବ୍ୟାଙ୍ଗ ହୁଇଲଚେୟାର କ୍ରିକେଟ୍ ଖେଳାଳି ଚୟନ

ଭଦ୍ରକ,୮।୧୧(ସନାତନ ରାଉତ)

ଭଦ୍ରକ ରାଧିଆସ୍ଥିତ ବେଦାନ୍ତ ଫେଙ୍କର ପଡ଼ିଆରେ ଖେଳାଯିବାକୁ ଥିବା ସର୍ବଭାରତୀୟ ଦିବ୍ୟାଙ୍ଗ ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ଉତ୍କଳ ଟ୍ରଫି ପାଇଁ ଆସନ୍ତା ୧୦ ତାରିଖରେ ଖେଳାଳି ଚୟନ କରାଯିବ। ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଦିବାରାତ୍ର ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଟିମ୍ ପାଇଁ ଖେଳିବାକୁ ଇଚ୍ଛୁକ ଖେଳାଳିମାନେ ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ପହଞ୍ଚିବେ। ଏଥିପାଇଁ ମୋବାଇଲ ନମ୍ବର ୭୦୦୮୯୧୭୨୭୨/୮୯୧୭୫୦୮୫୧୫ ରେ ନାମ ପଞ୍ଜୀକରଣ କରିବାକୁ ରାଜ୍ୟ କ୍ରୀଡ଼ା ସମ୍ପାଦକ ଅଭୟ କୁମାର ଜେନା ସୂଚନା ଦେଇଛନ୍ତି।

## ବାତ୍ୟା ପରେ ଦୂଷିତ ନଳକୂପ ପାଣି


ଶିବିରରେ ପାନୀୟ ଜଳ ପରୀକ୍ଷା କରାଯାଉଛି।

### ଶିବିର ମାଧ୍ୟମରେ ଲୋକଙ୍କୁ ସଚେତନ କରାଗଲା

ତିହିଡ଼ି,୮।୧୧(ସଞ୍ଜିତ ବଳ)

ବାତ୍ୟା 'ଦାନା' ପରେ ତିହିଡ଼ିର ବନ୍ୟାପାଣି ମାଡ଼ିଥିବା ଅଞ୍ଚଳରେ ନଳକୂପ ପାଣି ଦୂଷିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତ୍ରିବେଣୀ ଟ୍ରଷ୍ଟ ପକ୍ଷରୁ ଜନସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ବାରୋ ପଞ୍ଚାୟତ ଅଧୀନ ଦହପାଣିଆସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ରିଲିଆନ୍ସ ଫାଉଣ୍ଡେଶନ ସହଯୋଗରେ ଅନୁଷ୍ଠିତ ଶିବିରକୁ ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜୁଲତା ଗାହାଣ ସଞ୍ଚାଳନ କରିଥିଲେ। ସରପଞ୍ଚ ଉଦ୍ଧବ ଚରଣ ନାୟକ ଓ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମମତା ପ୍ରଧାନ ପରିମଳ ଓ ପାଣିର ବିଶୁଦ୍ଧିକରଣ ଉପରେ ପ୍ରଶିକ୍ଷଣ ଦେଇଥିଲେ। ସ୍ୱାବଲମ୍ବୀ କାରିଗରମାନେ ବିଭିନ୍ନ ନଳକୂପରୁ ଆଣିଥିବା ପାଣିକୁ ପରୀକ୍ଷା କରାଯିବା ପରେ ଏହା ଦୂଷିତ ହୋଇଥିବା ଜଣାଯାଇଥିଲା। ପରେ ପାଣି ବିଶୁଦ୍ଧ ହେବା ନେଇ ପଦକ୍ଷେପ ନିଆଯାଇଥିଲା।

ଫାଉଣ୍ଡେଶନ ପକ୍ଷରୁ ମନୀନ୍ଦ୍ରା ତ୍ରିବେଦୀ, ଜ୍ୟୋତିର୍ମୟ ବିଶ୍ୱାଳ, ଦିବ୍ୟକାନ୍ତ ନାୟକ, ମୋହିତ ଚୌଧୁରୀ, ସଞ୍ଜୀବ ବେହେରା, ଆଲମାନ ଶେଖ୍ ପ୍ରମୁଖ ଯୋଗଦେଇ ଦୂଷିତ ପାଣିକୁ ବିଶୁଦ୍ଧ କରି ବ୍ୟବହାର ଉପଯୋଗୀ କରିବା ନେଇ ତାଲିମ ଦେଇଥିଲେ। ବିଲଣା, କୁବେରା, କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର, ଗୋବିନ୍ଦପୁର, ସୟା, ବୋଡ଼କ, ବାହାବଳପୁର ଆଦି ପଞ୍ଚାୟତର ସ୍ୱାବଲମ୍ବୀ କାରିଗର, ଆପଦମିତ୍ର ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଶିବିରରେ ସାମିଲ ଥିଲେ।

## 'ସେବା କଲେ ଆଶୀର୍ବାଦ ମିଳେ'



ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପନୀ ଅବସରରେ ଉପସ୍ଥିତ ଅତିଥି।

ଭଦ୍ରକ, ୮।୧୧ (ରବିନାରାୟଣ ଖିଲାର)

ଚରମ୍ପା କାଳୀପୂଜା ଅବସରରେ ମା' ଶାରଦା ଦେବୀ ମହାବିଦ୍ୟାଳୟ ପକ୍ଷରୁ ଗତ ୩ ତାରିଖରୁ ଚାଲିଥିବା ଏନ୍‌ଏସ୍‌ଏସ୍ କ୍ୟାମ୍ପ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଚରମ୍ପାସ୍ଥିତ ଏକ ହୋଟେଲଠାରେ ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଲାୟନ୍ସ କ୍ଲବ୍‌ର ପ୍ରକାଶ ଜେନା ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବିଶ୍ୱମ୍ଭର ଦାସ ଯୋଗ ଦେଇଥିଲେ। ସେବା କଲେ ଆଶୀର୍ବାଦ ମିଳେ। ସେବା ଦ୍ୱାରା ନିଷ୍ଠା ଏବଂ ଜାତୀୟ ଗୌରବର ଭାବନା ଜାଗ୍ରତ ହୋଇଥାଏ। ସେବା ମାଧ୍ୟମରେ ସାମାଜିକ ସଚେତନତା କରାଯାଇଥାଏ ବୋଲି ଅତିଥିମାନେ କହିଥିଲେ। ଶାରଦା ଦେବୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଚରମ୍ପାଠାରେ କାଳୀପୂଜା ଅବସରରେ ସ୍ୱଚ୍ଛତା ସହ ଶୃଙ୍ଖଳା ବଜାୟ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏନ୍‌ଏସ୍‌ଏସ୍ କ୍ୟାମ୍ପର ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଭାତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କ ପରଲୋକ

ଭଦ୍ରକ,୮।୧୧(ସନାତନ ରାଉତ)

ବନ୍ତ ବ୍ଲକ ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲର ସହକାରୀ ଶିକ୍ଷକ ଅପର୍ତ୍ତି ଜେନା(୫୦)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ମଝିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ବେଳେ ୩ଦିନ ତଳେ ପୁଣି ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ରାତି ୧୧ଟାରେ ମୃତ୍ୟୁ ଘଟିଥିଲା। ମୃତଦେହ ଅଡାଳପଙ୍କସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ଶନିବାର ସକାଳେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୂର୍ବତନ ସରପଞ୍ଚ ବିଜୟ ଜେନା, ଯୁବନେତା ପୂର୍ଣ୍ଣଚନ୍ଦ୍ର ପାତ୍ର, ଶାନ୍ତନୁ ଧଳ, କମଳାକାନ୍ତ ବିଶ୍ୱାଳ, ବ୍ରିଗେଡ୍ ସ୍କୁଲ ଅଧ୍ୟକ୍ଷ ହରିହର ଜେନା, ସହକାରୀ ଶିକ୍ଷକ ଶ୍ରୀଧର ସେଠୀ, କାଶୀନାଥ ଆଇଚ, ଆଡ଼ିଆ ପଞ୍ଚାୟତ ମହାସଂଘର ସିଆର୍‌ପି ସୂର୍ଯ୍ୟମଣି ଜେନା, ଶୈଳବାଳା ପାତ୍ର, ଗୀତାଞ୍ଜଳି କର, ଝୁନୁଲତା ରାଉତ, ସବିତା ରଥ, ଶାନ୍ତିଲତା ରାଉତ, ପାର୍ବତୀ ରାଉତ, ଶକୁନ୍ତଳା ଜେନା ପ୍ରମୁଖ ଶେଷଦର୍ଶନ କରିଥିଲେ।

## ସେତୁ ତଳୁ ବାଲି ଉଠାଣ



ଭଣ୍ଡାରିପୋଖରୀ,୮।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ତହସିଲ ଅଧୀନ ବିରୋଳି ରାଜସ୍ୱ ଗ୍ରାମର ବିରୋଳି-ଆନନ୍ଦପୁର ସେତୁ ତଳୁ ବିପଜ୍ଜନକ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ କିଛିଦିନ ହେବ ବାଲି ମାଫିଆମାନେ ରାତିରେ ଜେସିବି ଦ୍ୱାରା ବାଲି ଉଠାଇ ଜମା କରି ଦିନରେ ଟ୍ରାକ୍ଟର ଓ ଜେସିବି ଯୋଗେ ବେଆଇନ ଭାବେ ବାଲି ପରିବହନ କରାଯାଉଛି। ଲଘୁ ଖଣିଜ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପଡ଼ୋଶୀ ଗ୍ରାମର ନିରଞ୍ଜନ ପୁହାଣ ଏହି ବେଆଇନ କାର୍ଯ୍ୟର ପ୍ରତିବାଦ କରିବାରୁ ବାଲି ମାଫିଆ ଦେଖିନେବାକୁ ଧମକ ଦେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସେତୁର ୫ଶହ ମିଟର ପରିଧି ମଧ୍ୟରେ ବାଲି ଉତ୍ତୋଳନ ନିଷିଦ୍ଧ ରହିଛି। ଏ ସମ୍ପର୍କରେ ଜିଲା ଲଘୁ ଖଣିଜ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ବି କୌଣସି ଉତ୍ତର ମିଳିନାହିଁ।

## ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ହଟାଇ ନିର୍ମାଣ କାର୍ଯ୍ୟ ଦାବି

ବନ୍ତ,୮।୧୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଅଧୀନ ନିଳୋକଠାରୁ ପଡ଼ିଆପଡ଼ା ଭାୟା ଘରପଦା ରାସ୍ତାରେ ନିର୍ମାଣ କାର୍ଯ୍ୟ ଚାଲିଛି। ନିଳୋକ ମଝିସାହିଠାରେ ପୂର୍ବରୁ ଥିବା ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନାନ୍ତର କରା ନ ଯାଇ ରାସ୍ତା କାର୍ଯ୍ୟ ଚାଲିଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିଳୋକଠାରୁ ପଡ଼ିଆପଡ଼ା ୫ କି.ମି. ରାସ୍ତାର ନିର୍ମାଣ କାର୍ଯ୍ୟ ଗତ କିଛି ମାସ ହେବ ଚାଲିଛି। ଏବେ ଏହି ରାସ୍ତା ଓସାରିଆ ହୋଇ ନିର୍ମାଣ ହେଉଥିବାରୁ ନିଳୋକ ମଝିସାହିଠାରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରେ ରହିଯାଉଥିବା ଦେଖାଯାଇଛି। ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତା ଉପରୁ ସ୍ଥାନାନ୍ତର କରା ନ ଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ନ ହେଲେ ଆଗକୁ ବହୁ ଦୁର୍ଘଟଣା ଘଟିବ ବୋଲି ଅଭିଯୋଗ କରିଛନ୍ତି।

ଏହି ରାସ୍ତା ଦେଇ ବିଭିନ୍ନ ଯାନବାହନ ଚଳାଚଳ କରୁଥିବା ବେଳେ ବହୁ ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯାଆସ କରୁଛି। ଅପରପକ୍ଷେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରିବା କାର୍ଯ୍ୟ ଉଭୟ ଗ୍ରାମ୍ୟ ଉନ୍ନୟନ ଓ ବିଦ୍ୟୁତ୍ ବିଭାଗର ହୋଇଥିବା ବେଳେ ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ପ୍ରଥମେ ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତା ସୀମା ବାହାରେ ପୋତିବାର ବନ୍ଦୋବସ୍ତ କରି ପରେ ନିର୍ମାଣ କାର୍ଯ୍ୟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନ ହେଲେ ଦୁଇ ବିଭାଗର କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଗ୍ରାମର ସୁରଜ କୁମାର ମହାନ୍ତି, ପ୍ରଶାନ୍ତ ଦାଶ, ସଞ୍ଜୟ ପ୍ରଧାନ, ସନ୍ତୋଷ କୁମାର ମିଶ୍ର, ହରେକୃଷ୍ଣ ଦାଶ, ଅଭିମନ୍ୟୁ ଦାଶ, ଜୟଦେବ ମିଶ୍ର, ନନ୍ଦକିଶୋର ସାହୁ ପ୍ରମୁଖ ଉଭୟ ବିଭାଗର ଅଧିକାରୀଙ୍କୁ ଅବଗତ କରାଇଥିବା ଜଣାଯାଇଛି। ଏନେଇ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଚିଠି ଆସିଲେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ହୋଇଯିବ ବୋଲି କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁରଥ ବେହେରା ଖୁବ୍‌ଶୀଘ୍ର ଚିଠି କରାଯାଇ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି।

## ପୂଜା ମଣ୍ଡପ ବୁଲିଲେ ପୂର୍ବତନ ଏମ୍‌ପି


ହାଇସ୍କୁଲ ଛକ ପୂଜା ମଣ୍ଡପରେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରାଜଶ୍ରୀ ମଲ୍ଲିକ ଓ ଶର୍ମିଷ୍ଠା ସେଠୀ।

ବାସୁଦେବପୁର, ୮।୧୧(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ସହରର ୪ ମଣ୍ଡପରେ କାଳୀପୂଜା ଚାଲିଛି। ଦିନକୁ ଦିନ ଭିଡ଼ ବଢ଼ୁଛି। ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜଗତସିଂହପୁର ପୂର୍ବତନ ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଯାଜପୁରର ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ସହ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ପୂଜା ମଣ୍ଡପ ବୁଲିଛନ୍ତି। ହାଇସ୍କୁଲ ଛକ, ବ୍ଲକରୋଡ୍, ଟ୍ରାଫିକ ଛକ ଓ ତାରିଣୀ ଛକସ୍ଥିତ ମା' ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନ କରିଛନ୍ତି। ସମସ୍ତ ପୂଜା ମଣ୍ଡପ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ମହାନ୍ତି, ଭାଗୀରଥି ନାୟକ, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'କ୍ରୀଡ଼ା ଶିଶୁଙ୍କ ମନରେ ଅଫୁରନ୍ତ ଶକ୍ତି ଦିଏ'


ଖେଳକୁଦ ପ୍ରତିଯୋଗିତାରେ କୃତୀ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଭଦ୍ରକ,୮।୧୧(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ପକ୍ଷରୁ ଆନ୍ତଃ ଶିଶୁଯତ୍ନ ଅନୁଷ୍ଠାନ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ବାଗୁରାଇସ୍ଥିତ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରରେ ପଞ୍ଜୀକୃତ ଥିବା ୯ଟି ଶିଶୁଯତ୍ନ ଅନୁଷ୍ଠାନର ପିଲାମାନଙ୍କ ମଧ୍ୟରେ ଉଚ୍ଚଡିଆଁ, ଲମ୍ବଡିଆଁ, ୧୦୦ ମିଟର, ୨୦୦ ମିଟର ଦୌଡ଼, କ୍ୟାରମ, ଚେସ୍, ଫୁଟ୍‌ବଲ ଆଦି ପ୍ରତିଯୋଗିତା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡାଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିଶୁମାନଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶ କରିବା ସହ ମନରେ ଅଫୁରନ୍ତ ଶକ୍ତି ପ୍ରଦାନ କରିଥାଏ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଟ୍‌ବଲ ମ୍ୟାଚ୍‌ରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଟିମ୍ ଉତ୍କଳମଣୀ ଦରିଦ୍ର ନାରାୟଣ ଟିମ୍‌କୁ ପରାସ୍ତ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଶିଶୁ ଅନୁଷ୍ଠାନର ସମ୍ପାଦକ ଅଶୋକ ଦାସ, ଲଲାଟେନ୍ଦୁ ମହାନ୍ତି, ସୋଫିଆ ସେକ୍ ଅପୂର୍ବ ଦାସ, ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

## ପୀର ବାବାଙ୍କ ଉର୍ସ ଉତ୍ସବ

ଧାମନଗର, ୮।୧୧ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗରସ୍ଥିତ ଖାନକାସରିଫ ପରିସରରେ ପୀର ବାବା ହଜୁର ମୁଜାହିଦ-ଏ-ମିଲ୍ଲତଙ୍କ ୪୫ତମ ଉର୍ସ ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଦୁଇଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ସକାଳ ୬ଟାରୁ ୭ଟା ୩୦ ପର୍ଯ୍ୟନ୍ତ କୋରାନ ଖାନି ପରେ ପୀର ବାବାଙ୍କ ଦର୍ଶନ ପାଇଁ ମଜାର ଖୋଲା ରହିଥିଲା। ପୀରବାବାଙ୍କ ସାଧାରଣ ଦର୍ଶନ ସହ ଆସ୍ଥାନରେ ଗୋଲାପ ଜଳ ଓ ଫୁଲ ଚଢ଼ାଇ ଶ୍ରଦ୍ଧାଳୁମାନେ ଆଶୀର୍ବାଦ ନେଇଥିଲେ। ଶୁକ୍ରବାର ହୋଇଥିବାରୁ ମଧ୍ୟାହ୍ନରେ ନମାଜପାଠ ଲାଗି ଖାନକାସରିଫ ପରିସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ରାତି ୮ଟାରୁ ଶନିବାର ପ୍ରାତଃ ୫ଟା ପର୍ଯ୍ୟନ୍ତ ସର୍ବଭାରତୀୟ ମୁସାଏରା ତଥା ଉର୍ଦ୍ଦୁ କବି ସମ୍ମିଳନୀ କରାଯାଇଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ପୀରବାବାଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ଉର୍ସ କମିଟି ପକ୍ଷରୁ ୭୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି।


ଖାନକାରେ ନମାଜ ପାଠ କରାଯାଉଛି।

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଛକରେ ପୋଲିସ ଟେଣ୍ଟ ମାରି ଟ୍ରାଫିକ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ତଦାରଖ କରାଯାଉଛି। ଏସ୍‌ପି ମଡକର ସନ୍ଦୀପ ସମ୍ପଦ ସନ୍ଧ୍ୟାରେ ଧାମନଗରରେ ଉପସ୍ଥିତ ରହି ତଦାରଖ କରିଛନ୍ତି। ପାଗ ଅନୁକୂଳ ଯୋଗୁ ପ୍ରବଳ ଜନସମାଗମ ସାଙ୍ଗକୁ ବ୍ୟବସାୟୀଙ୍କ କାରବାର ବେଶ୍ ଉତ୍ସାହଜନକ ହୋଇଛି। ପରିବହନ ବିଭାଗ ପକ୍ଷରୁ ଭଦ୍ରକ ଷ୍ଟେଶନରୁ ଧାମନଗର ଭଡ଼ା ୩୫ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଭଦ୍ରକ ବନ୍ତଛକରୁ ଧାମନଗର ୩୫ ଟଙ୍କା ବସ୍ ନେଉଛି। ଦୂରଦୂରାନ୍ତରୁ ଦୋବଲ ଅଞ୍ଚଳକୁ ଆସୁଥିବା ଯାତ୍ରୀମାନଙ୍କୁ ବସ୍ ଧାମନଗରରେ ଓହ୍ଲାଇ ଦେଉଥିବାରୁ ଦୋବଲକୁ ଯିବା ପାଇଁ ମେଡିକାଲ ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ବାଧ ହେଉଛନ୍ତି।

# ଅବ୍ୟବସ୍ଥାରେ ସୋର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ

ସୋର, ୮।୧୧(ଜନ୍ମେଜୟ ମିଶ୍ର)



ସୋର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସର ଅନାବନା ଗଛ ଲତାରେ ପରିପୂର୍ଣ୍ଣ ହୋଇଛି।

ବାଲେଶ୍ୱର ଜିଲା ସୋର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସର ସଫେଇ କରାଯାଉ ନ ଥିବାରୁ ଚାରିପାଖ ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଛି। ଦୈନିକ ଏଠାକୁ ୩୦ରୁ ୪୦ଟି ପ୍ରାଣୀ ଚିକିତ୍ସା ପାଇଁ ଅଣାଯାଉଛି। ଚିକିତ୍ସାଳୟ ପରିସରରେ କ୍ୱାର୍ଟର୍ସ ନ ଥିବାରୁ ଷ୍ଟାଫ୍‌ମାନେ ଏଠାରେ ରହିପାରୁନାହାନ୍ତି। କ୍ଷୀର ସଂଗ୍ରହ ପାଇଁ ଏଠାରେ ସମବାୟ ସମିତି ନ ଥିବାରୁ ଗୋପାଳନ କରିବା ନେଇ ଚାଷୀଙ୍କ ମଧ୍ୟରେ ଆଗ୍ରହ କମିଯାଉଛି। କାଁ ଭାଁ ଚାଷୀକୁ ନେଇ ସଚେତନତା କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ବିଭିନ୍ନ ସରକାରୀ ଯୋଜନା ବିଷୟରେ ଜନସାଧାରଣ ଜାଣିପାରୁନାହାନ୍ତି।

ଏହି ଚିକିତ୍ସାଳୟ ଅଧୀନରେ ୨୪ ପଞ୍ଚାୟତ ମଧ୍ୟରୁ ୧୩ଟି ପଞ୍ଚାୟତରେ ୧୩ଟି ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର ରହିଛି। ୧୨ଟିରେ ପ୍ରାଣୀ ନିରୀକ୍ଷକ ଅଛନ୍ତି। ସେହିପରି ମୂଳିସିଂ ଓ ମହୁମୁହାଣ ପଞ୍ଚାୟତରେ ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର ରହିଛି, ମାତ୍ର ପ୍ରାଣୀଧନ ନିରୀକ୍ଷକ ନ ଥିବା ଜଣାପଡିଛି। ସରକାରଙ୍କ ନିୟମାନୁସାରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଣୀ ନିରୀକ୍ଷଣ କେନ୍ଦ୍ର ରହିବାର ବ୍ୟବସ୍ଥା ରହିଛି। ସେହିପରି ସୋର ମ୍ୟୁନିସିପାଲିଟିର ୨ଟି ପ୍ରାଣୀ ନିରୀକ୍ଷଣ କେନ୍ଦ୍ର ରହିଛି। ସୋର ପ୍ରାଣୀ ଗୋଷ୍ଠୀ ଚିକିତ୍ସାଳୟରେ ଜଣେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଥିବା ବେଳେ ୩ଜଣ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ପଦବୀ ମଧ୍ୟରୁ ୨ଜଣ ଅଛନ୍ତି। ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ସେସବୁ କରାଯାଉ ନ ଥିବା ଜଣାପଡିଛି।

୨୦୧୯ ଗଣନା ଅନୁସାରେ ସୋର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଗାଈଗୋରୁ ସଂଖ୍ୟା ୩୬, ୯୧୨, ଛେଳି ସଂଖ୍ୟା ୧୭, ୨୬୦ ଓ ଘୁଷୁରୀ ସଂଖ୍ୟା ୧୫ ରହିଛି। ସୋର ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ରର ପରିବେଶ ଜଙ୍ଗଲରେ ପରିପୂର୍ଣ୍ଣ ହୋଇ ରହିଛି। ଏହାକୁ ସଫା କରାଯାଉ ନ ଥିବା ଜଣାପଡିଛି। ଏ ସମ୍ବନ୍ଧରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. କମଳଲୋଚନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ମାତ୍ର ୨୦ଜଣ କର୍ମଚାରୀରେ କାର୍ଯ୍ୟ କରିବା କଷ୍ଟକର ବ୍ୟାପାର ହୋଇଛି।

# ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ସମ୍ବର୍ଦ୍ଧିତ

## ପରିବେଶ ସୁରକ୍ଷା ପାଇଁ ଆଗଭର ହେବାକୁ ଆହ୍ୱାନ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ବାଲେଶ୍ୱର, ୮।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜପଥ ପାର୍ଶ୍ୱ କଟିପୋଲ ନିକଟ ବାସନ୍ତୀ ପ୍ଲାଜା ପରିସରରେ ଆୟୋଜିତ ଉତ୍ସବରେ ପିଙ୍ଛାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ବିଜୟ ଜୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ଅଭୟ ଦାସ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ସମସ୍ତେ ଆଗଭର ହେବା ଉଚିତ୍ ବୋଲି ବକ୍ତବ୍ୟରେ କହିଥିଲେ। ସ୍ମୃତି କମିଟି ସଭାପତି ସୁମନ୍ତ କୁମାର ଜେନା ସ୍ୱାଗତଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁମୁଦ ରଞ୍ଜନ ଗିରି, ବିଜୟ ଦାସ ଅଧିକାରୀ, ସାମାଜିକ କର୍ମୀ ପ୍ରକାଶ ବେହେରା, ସ୍ମୃତି କମିଟିର ପ୍ରତିଷ୍ଠାତା ବାସନ୍ତୀ ଦେବୀ, ସୁଲୋଚନା ଜେନା, ସତ୍ୟଭାମା ଜେନା, ଦେବସେନା ଜିଲା ସଭାପତି ଶଙ୍କର କୁମାର ଜେନା, ସାମାଜିକ କର୍ମୀ ଦେବେନ୍ଦ୍ର ବେହେରା, ଶିକ୍ଷାବିତ୍ ଦାଶରଥି ରାଉତ ଓ ସାମାଜିକ କର୍ମୀ ଅମର କୁମାର ପାଳ ମଞ୍ଚାସୀନ ଥିଲେ। ଖବରଦାତା ବିଜୟ କୁମାର ଭୂୟାଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶପ୍ରେମୀ ଅନ୍ତର୍ଯ୍ୟାମୀ ରାଉଳ, ସର୍ବେଶ୍ୱର ଜେନା ଓ ରଘୁନାଥପୁର ପଞ୍ଚାୟତ ବିବେକାନନ୍ଦ ୟୁଥ କ୍ଲବ ସଭାପତି ସଞ୍ଜୟ କୁମାର ପାତ୍ରଙ୍କୁ ସ୍ମୃତି କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବସ୍ତା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ବୃକ୍ଷରୋପଣ କରାଯାଇଥିଲା।

# ଜନସମ୍ପର୍କ ପଦଯାତ୍ରାରେ ବିଜେଡିର ଗର୍ଜନ



ଭୋଗରାଇ, ୮।୧୧( ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ୩୪ ନଂ. ଜିଲା ପରିଷଦ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ଗୁରୁବାର ୧୦ ପଞ୍ଚାୟତର ସହସ୍ରାଧିକ ବିଜେଡି କର୍ମୀ ଓ ନେତା ସାମିଲ ହୋଇ ନେଗୁଆଁ ଛକରୁ ଶୋଭାଯାତ୍ରାରେ ବାହାରି ସରକାରୀ ବିରୋଧୀ ସ୍ଲୋଗାନ ଦେଇ କୁକୁଡ଼ିଆ ଯାତ୍ରା ପଡିଆ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ସଭାପତି ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ୩୪ ନଂ. ଜୋନର ଜିଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି। ମୁଖ୍ୟଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ଜିଲା ସମ୍ପାଦକ ଜିଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା, ବିଜେଡି ଉପସଭାପତି ତପନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଲୋକଙ୍କ ହକ୍ ପାଇଁ ଲଢେଇ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ। ବକ୍ତାଭାବେ ସରପଞ୍ଚ ଜଗନ୍ନାଥ ସେଠୀ ଯୋଗଦେଇଥିଲେ। ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

# ସିଦ୍ଧେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିୟନ

## ଏଫ୍‌ଏମ୍‌ୟୁରେ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଫୁଟବଲ ଟୁର୍ନାମେଣ୍ଟ

ବାଲେଶ୍ୱର, ୮।୧୧(ବାଞ୍ଛାନିଧି ଦେ)




ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ର କ୍ରୀଡ଼ା ପରିଷଦ ଦ୍ୱାରା ଦିନିକିଆ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା, ପିଇଓ ସଂଗ୍ରାମ ବିଶୋଇ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଦଳ, ସିଦ୍ଧେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ବିସିପି ବାଲିଆପାଳ ଓ କଲେଜ ଅଫ ଟିଚର ଏଜୁକେଶନ ବାଲେଶ୍ୱର ଦଳ ଅଂଶଗ୍ରହଣ କରିଥିଲେ। ଏହି ୬ଟି ଦଳଙ୍କ ମଧ୍ୟରେ ୫ଟି ମ୍ୟାଚ ଖେଳାଯାଇଥିଲା। ଘରୋଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଦଳ ସହ ସିଦ୍ଧେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ଅମର୍ଦ୍ଦା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ସିଦ୍ଧେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

ଏହି ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯାଇ ଏକ ସ୍ୱତନ୍ତ୍ର ଶିବିରରେ ତାଲିମ ଦିଆଯିବ। ସେଥିରୁ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇ ଆସନ୍ତା ୧୯ରୁ ୨୨ନଭେମ୍ବର ପର୍ଯ୍ୟନ୍ତ କୋଲକାତା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ସୂର୍ଯ୍ୟନାରାୟଣଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ

କାଳିପଦା, ୮।୧୧(ରାଜଶ୍ରୀ ପାଣିଗ୍ରାହୀ)

ସୂର୍ଯ୍ୟନାରାୟଣଙ୍କ ଅପାର କରୁଣାପ୍ରାପ୍ତି, ଶରୀରକୁ ବ୍ୟାଧି କ୍ଲେଶରୁ ମୁକ୍ତ କରିବା, ପରିବାରର ଉନ୍ନତି, ସମାଜର କଲ୍ୟାଣ ନିମନ୍ତେ ଶୁଭମନାସି ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଛଟ୍ ପୂଜା ଆୟୋଜନ କରିଥିଲେ ମାରୱାଡ଼ି, ବିହାରୀ ଏବଂ ଗୁଜୁରାଟି ସମ୍ପ୍ରଦାୟରେ ଲୋକେ। ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ମାରୱାଡ଼ି ବସବାସ କରୁଥିବା ଘଣ୍ଟିଆଡ଼ି, ଖଗଡ଼ାପାଳ, ସିମୁଳିଆ, ଗ୍ରାମରେ ମାରୱାଡ଼ି ପରିବାର ପକ୍ଷରୁ ଏହି ଛଟ୍ ପୂଜା ପାଳନ କରାଯାଇଛି। ୩ ଦିନ ବ୍ରତ ରଖି ଷଷ୍ଠୀ ସନ୍ଧ୍ୟାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ସ୍ୱର୍ଗତ ରବିନାରାୟଣ ସାହୁଙ୍କ ଘରୁ ଏକ ପଟୁଆର ବାହାରି ଭୋଳାନାଥ ପ୍ରସାଦଙ୍କ ଘର ପୋଖରୀରେ ପୂଜାର୍ଚ୍ଚନା କରିଥିଲେ ଶ୍ରଦ୍ଧାଳୁ। ସାଗର ପ୍ରସାଦ, ତାରେକେଶ୍ୱର ପ୍ରସାଦ, ଓମ୍ ପ୍ରକାଶ ସାହୁ, ମାନସିକ ଚାନ୍ଦ ପ୍ରସାଦ, ଲକ୍ଷ୍ମୀନାରାୟଣ ସାହୁ, ଲାଲ୍‌ମୋହନ ପ୍ରସାଦ, ବାଗଲାଲା ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

ମୟୂରଭଞ୍ଜ

# ପାଚିଲା ଧାନ ଛାଡ଼ି ଯାଉନାହାନ୍ତି ହାତୀପଲ

## ଉପଦ୍ରବରେ ଜିଲାବାସୀ ଅତିଷ୍ଠ

ବାରିପଦା,୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଉପଦ୍ରବ ଚଳାଇଥିବା ହାତୀପଲ।

ମୟୂରଭଞ୍ଜ ଜିଲାରେ ମାସେରୁ ଅଧିକ ସମୟ ହେବ ଝାଡ଼ଖଣ୍ଡୀ ହାତୀପଲ ଉପଦ୍ରବ ଜାରି ରଖିଛନ୍ତି। ଏହି ହାତୀପଲ ପାଚିଲା ଧାନ କ୍ଷେତ ଛାଡ଼ି ଯାଉ ନ ଥିବା ବେଳେ ସେମାନଙ୍କ ଉପଦ୍ରବରେ ଜିଲାବାସୀ ଅତିଷ୍ଠ ହୋଇ ପଡ଼ିଲେଣି।

ଜିଲାର ବେତନଟୀ, ବାଙ୍ଗିରିପୋଷି, ବାରିପଦା, ଦେଉଳି, କପ୍ତିପଦା, ରାସଗୋବିନ୍ଦପୁର ଓ କରଞ୍ଜିଆ ରେଞ୍ଜ ଅଞ୍ଚଳରେ ପ୍ରତିଦିନ ହାତୀ ଉପଦ୍ରବ ଜାରି ରହିଛି। ବାରିପଦା ବନଖଣ୍ଡରେ ୧୨୧ ହାତୀ ଥିବା ବେଳେ ସେଥି ମଧ୍ୟରୁ ୯୭ଟି ଝାଡ଼ଖଣ୍ଡୀ ଓ ୨୪ଟି ଶିମିଳିପାଳ ଅଭୟାରଣ୍ୟର ହାତୀ ରହିଛନ୍ତି। ଗତବର୍ଷ ବାରିପଦା ବନଖଣ୍ଡକୁ ରାଜ୍ୟ ବାହାରର ୧୦୫ ହାତୀ ଆସିଥିଲେ। ଯାହାକି ସର୍ବାଧିକ ଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇଛି। ପଡ଼ୋଶୀ ଝାଡ଼ଖଣ୍ଡର ଦଲମା ଅଞ୍ଚଳରୁ ହାତୀ ପଲ ମୟୂରଭଞ୍ଜ ଜିଲାକୁ ପ୍ରବେଶ କରି ବିଭିନ୍ନ ସ୍ଥାନରେ ଉପଦ୍ରବ ଜାରି ରଖିଛନ୍ତି। ତେବେ ଗତ କିଛି ଦିନ ହେବ ହାତୀଙ୍କ ଉପଦ୍ରବ ଅନେକ ମାତ୍ରାରେ ବୃଦ୍ଧି ପାଇଛି। ଗାଁ ମଧ୍ୟକୁ ହାତୀ ଅତର୍କିତ ଭାବେ ପ୍ରବେଶ କରି ଫସଲ, ଘର ସମେତ ଧନ ଜୀବନ ନଷ୍ଟ କରୁଛନ୍ତି। ହାତୀ ସହ ମୁହାଁମୁହିଁ କାରଣରୁ ଅନେକ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ଏହାକୁ ରୋକିବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ମୂଳ ମଜୁରୀ ଲାଗି ଗୁଜୁରାଣ ମେଣ୍ଟାଉଥିବା ଲୋକେ ଘର ଓ ପରିବାର ଭୟରେ କାମକୁ ମଧ୍ୟ ଯାଇପାରୁନାହାନ୍ତି। ଖବରପାଇ ମଧ୍ୟ ବନ ବିଭାଗ ଟିମ୍ ବହୁ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚୁଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାରମ୍ବାର ଦାବି ହେଉଥିବା ବେଳେ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ଏ ସମ୍ପର୍କରେ ବାରିପଦା ବନଖଣ୍ଡର ଅତିରିକ୍ତ ବନ ସଂରକ୍ଷକ ରବି ନାରାୟଣ ମହାନ୍ତିଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ହାତୀ ନିରୀକ୍ଷଣ ପାଇଁ ଏକ ଟିମ୍ ଗଠନ ସହ ଗତିବିଧି ଅନୁଧ୍ୟାନ କରାଯାଉଛି। ହାତୀ ଥିବା ଅଞ୍ଚଳରେ ଲୋକମାନଙ୍କୁ ସତର୍କ ମଧ୍ୟ କରାଯାଉଛି। ୭୫୦ ଜଣ ଗଜସାଥୀ ନିୟୋଜିତ ହୋଇଛନ୍ତି। ଫସଲ, ଘର କ୍ଷୟକ୍ଷତିର ତୁରନ୍ତ ଅନୁଧ୍ୟାନ କରି ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯାଉଛି। ପ୍ରତି ବର୍ଷ ଅକ୍ଟୋବରରୁ ଜାନୁଆରୀ ପର୍ଯ୍ୟନ୍ତ ହାତୀ ଉପଦ୍ରବ ଦେଖାଦେଇଥାଏ। ସେଥି ପ୍ରତି ବନ ବିଭାଗ ସଚେତନ ରହିଛି ବୋଲି ସେ କହିଛନ୍ତି।

# ୧୭ରେ ଖେଳାଳି ଚୟନ

## ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନଶିପ୍

ବାରିପଦା,୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କଟକଠାରେ ନଭେମ୍ବର ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନସିପ୍ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ନଭେମ୍ବର ୧୭ରେ ହେବ। ଜିଲାର ଉଭୟ ମହିଳା ଓ ପୁରୁଷ ବିଭାଗର ଖେଳାଳି ଚୟନ ପ୍ରକ୍ରିୟା ବାରିପଦା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଜଣାଇଛନ୍ତି। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଖେଳାଳିମାନେ ଆଧାର କାର୍ଡ ଓ ୨ଟି ଫଟୋ ସହ ବାରିପଦା ଷ୍ଟାଡିୟମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି କୁସ୍ତି ସହ ସମ୍ପାଦକ ଗୌରୀଶଙ୍କର ସିହ୍ନା ସୂଚନା ଦେଇଛନ୍ତି।

# ୨ ଗାଡ଼ି ଜବତ, ଦୁଇ ଗିରଫ

ବାରିପଦା,୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ୨ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ଭଞ୍ଜପୁର ଥାନା ପୋଲିସ ଗାଡ଼ି ଚୋରି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଗାଡ଼ି ଜବତ ହୋଇଛି। ଏନେଇ ଶୁକ୍ରବାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାରିପଦା ସଦର ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ତିରିଂ ଥାନା ଅଧୀନ ଲୁପୁଂ ଗ୍ରାମର ମଝିଆ ଟୁଡୁ ଓରଫ ଚମତ୍କାର (୨୫) ଓ ପହିଲାକୁଣ୍ଡା ଗ୍ରାମର ଦୁଲା ସୋରେନ ଓରଫ ମାମା (୨୭)। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

ବାରିପଦାର ମୁର୍ଗାବାଡ଼ି ଅଞ୍ଚଳରୁ ଗତ ଅକ୍ଟୋବର ୩୦ ତାରିଖ ରାତିରେ ଏକ ଟାଟା ଏସିଇ ଚୋରି ହୋଇଥିବା ନେଇ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଜୟନ୍ତ କୁମାର ଲେଙ୍କା ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଟିମ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଏହି ଗାଡ଼ି ସମେତ ଅନ୍ୟ ଏକ ଚୋରି କାର ମଧ୍ୟ ଜବତ ହୋଇଛି। ଉଲ୍ଲେଖଯୋଗ୍ୟ, କିଛି ଦିନ ପୂର୍ବେ ବେଲଗଡ଼ିଆ ଅଞ୍ଚଳରୁ ରାତିରେ ଘର ସମ୍ମୁଖରୁ ବୋଲେରୋ ଚୋରି ହୋଇଥିଲା। ଯାହାକୁ କଟିଙ୍ଗ କରି ବିକ୍ରି କରାଯାଇଥିବା ବେଳେ ଭଞ୍ଜପୁର ଥାନା ପୋଲିସ ଗାଡ଼ି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଛି।

# ଯୋଗଦେଲେ ନୂଆ ସିଡିଏମ୍‌ଓ


ଡା.ପ୍ରଭାତ କୁମାର ବେହେରା।

ବାରିପଦା,୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ନୂତନ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ଭାବେ ଡା. ପ୍ରଭାତ କୁମାର ବେହେରା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବ ସିଡିଏମ୍‌ଓ ଡା. ଅଭୟ କୁମାର ଦାସଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଭଦ୍ରକ ଜିଲାର ସିଡିଏମ୍‌ଓ ତଥା ବରିଷ୍ଠ ଚିକିତ୍ସକ ଡା.ବେହେରାଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ମୁଖ୍ୟ ହସ୍ପିଟାଲ ପରିସରରେ ଥିବା କାର୍ଯ୍ୟାଳୟରେ ଡାକ୍ତର, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ସିଡିଏମ୍‌ଓ ଡା. ବେହେରା କହିଛନ୍ତି।

## ଦ୍ୱାରଶୁଣି ଘାଟି ରାସ୍ତା

# ଜାମ୍‌ରେ ଯନ୍ତ୍ରଣା ଭୋଗୁଛନ୍ତି ଯାତ୍ରୀ

ବାଙ୍ଗିରିପୋଷି,୮।୧୧
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତାରେ ପ୍ରତିଦିନ ଗାଡ଼ି ଜାମ୍ ସମସ୍ୟା ଦେଖାଦେଉଛି। ଠିକା କମ୍ପାନୀ ରାସ୍ତା ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ମନ୍ଥର ଗତିରେ କାର୍ଯ୍ୟ କରିବା ଦ୍ୱାରା ଘାଟି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ଯନ୍ତ୍ରଣା ଭୋଗୁଛନ୍ତି। ଏଥିସହ ପ୍ରତିଦିନ ଦୁର୍ଘଟଣା ଘଟି ବହୁ ଧନ ଜୀବନହାନୀ ହେଉଛି। ଏ ସମ୍ପର୍କରେ ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଏହାର ପ୍ରତିବାଦରେ ଗତ ଫେବୃୟାରୀ ୨ରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଉପ ଜିଲାପାଳ ପହଞ୍ଚି ଘାଟି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବାରୁ ରାସ୍ତାଟି ଖାଲ ଖମାରେ ପରିପୂର୍ଣ୍ଣ ହେବା ସହିତ ସଙ୍କୀର୍ଣ୍ଣ ହୋଇ ପଡ଼ିଛି । ଦିନ ବେଳେ ଭାରୀଯାନ ଯିବା ଆସିବା କରୁଛି। ତେବେ ଗୋଟିଏ ଭାରୀଯାନ ଯଦି ଘାଟି ରାସ୍ତାରେ ଖରାପ ହୋଇ ରହି ଯାଉଛି ତେବେ ଜାମ୍ ହୋଇଯାଉଛି। ଏଥିପାଇଁ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅବସ୍ଥା ଅସମ୍ଭାଳ ହେଉଛି।

ବାଙ୍ଗିରିପୋଷିଠାରୁ ବିଶୋଇ ପର୍ଯ୍ୟନ୍ତ ଲମ୍ବିଥିବା ଦ୍ୱାରଶୁଣି ଘାଟି ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ଭାରୀଯାନଠାରୁ ଆରମ୍ଭ କରି ବାଇକ୍ ଆରୋହୀମାନେ ମଧ୍ୟ ରାସ୍ତା ଖରାପ ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାତି ସମୟରେ ଅନ୍ଧାର ଯୋଗୁ ଅଜଣା ବାଇକ୍ ଆରୋହୀମାନେ ଅଧିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏପରିକି



ଜାମ୍‌ରେ ଫସି ରହିଥିବା ଗାଡ଼ି।

ଆମ୍ବୁଲାନ୍ସ ମଧ୍ୟ ଘଣ୍ଟାଘଣ୍ଟା ଧରି ଜାମ୍‌ରେ ଫସି ରହୁଛି। ଏନ୍‌ଏଚ୍‌ଏଆଇ ବିଭାଗ ଓ ରାଜନେତାମାନଙ୍କ ମିଛ ପ୍ରତିଶ୍ରୁତି ସାଙ୍ଗକୁ ପ୍ରଶାସନ ତଥା ବିଭାଗୀୟ ଉଦାସୀନତା ଯୋଗୁ ଏହି ଘାଟି ରାସ୍ତାରେ ଲୋକେ ହୀନସ୍ତା ଭୋଗୁଛନ୍ତି।

ଗତ ସେପ୍ଟେମ୍ବର ୨୩ ତାରିଖରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଜାତୀୟ ରାଜପଥ ବିଭାଗ ପିଡି ଓ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବାଙ୍ଗିରିପୋଷି ବିଧାୟିକା ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସୁଗଦା ମୁର୍ମୁ, ଏନ୍‌ଏଚ୍‌ଆଇ ପିଡି ଜେପି ବର୍ମା, ଏଡିଏମ୍ ବିଭୂତି ଭୂଷଣ ନାୟକ, ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ଦଣ୍ଡପାଟ, ତହସିଲଦାର ସୀତାଂଶୁ ଶେଖର ଦାସ, ଥାନା ଅଧିକାରୀ ରୋଜାଲିନ ବେହେରା ପ୍ରମୁଖ ଘାଟି ରାସ୍ତାର ସ୍ଥିତି ପରଖିବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେମାନଙ୍କ ପ୍ରତିଶ୍ରୁତି ଅନୁସାରେ ୨ ଦିନ ମଧ୍ୟରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରାଯିବା କଥା। ହେଲେ ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ପାରିନାହିଁ। ଠିକାଦାର ମନମାନିରେ କାର୍ଯ୍ୟ କରୁଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

